**ସଂକ୍ଷେପରେ**

## ରାମ ମନ୍ଦିର ଦାନ ହୁଣ୍ଡିରୁ ଚୋରି

ଜି.ଉଦୟଗିରି,୨୯।୧(ଚିନ୍ମୟ କୁମାର ସେଠୀ) ଜି.ଉଦୟଗିରି ନିକଟସ୍ଥ କକଟି ପଦାସାହି ରାମ ମନ୍ଦିର ଦାନ ହୁଣ୍ଡିରୁ ଚୋରି ହୋଇଛି। ନୂତନ ମନ୍ଦିର ନିର୍ମାଣ କାମ ଚାଲିଥିବା ବେଳେ ବୁଧବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଅସ୍ଥାୟୀ ମନ୍ଦିର ତାଲା ଭାଙ୍ଗି ମନ୍ଦିର ନିର୍ମାଣ ଲାଗି ହୁଣ୍ଡିରେ ଥିବା ଟଙ୍କାକୁ ଚୋରି କରିନେଇଛନ୍ତି। ଗୁରୁବାର ସକାଳୁ ସ୍ଥାନୀୟ ଲୋକ ଏହା ଦେଖି ମନ୍ଦିର ପରିଚାଳନା କମିଟିକୁ ଖବର ଦେଇଥିଲେ। ଏନେଇ ଜି.ଉଦୟଗିରି ଥାନାକୁ ଖବର ଦିଆଯାଇଥିଲା। ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏହାକୁ ଗୁରୁତ୍ୱ ସହ ନେଇ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଏକ ଜରୁରୀ ବୈଠକ ଡକାଯାଇ ଆଲୋଚନା ହୋଇଥିଲା। କମିଟି ସଭାପତି ସନ୍ତୋଷ କୁମାର ବାଘ ଥାନାରେ ଏତଲା ସହ ଚୋରି ଘଟଣା ସମ୍ପର୍କରେ ପୋଲିସକୁ ସମସ୍ତ ତଥ୍ୟ ଜଣାଇଥିବା କହିଛନ୍ତି। ପୋଲିସ ଅଧିକ ତଦନ୍ତ କରି ଦୁର୍ବୃତ୍ତଙ୍କୁ ଧରିବା ପାଇଁ ଚେଷ୍ଟା ଜାରି ରଖିଛି।

## ଭାରତୀୟ ମାନବାଧିକାର ପରିଷଦର ସଚେତନତା କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି,୨୯।୧(ଗିରିଧାରୀ ପରିଚ୍ଛା) ସ୍ୱାଧୀନତା ସଂଗ୍ରାମୀ ଲାଲା ଲଜପତ ରାୟଙ୍କ ଜୟନ୍ତୀ ଅବସରରେ ଗଜପତି ଜିଲା ସଦର ପାରଳାଖେମୁଣ୍ଡିଠାରେ ଭାରତୀୟ ମାନବାଧିକାର ପରିଷଦ ପକ୍ଷରୁ ଏକ ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତହୋଇଛଇ। ଏଥିରେ ଜିଲା ନ୍ୟାୟାଳୟର କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ ମିଶ୍ର ଅଧ୍ୟକ୍ଷତା କରିଥିଲେ। ପରିଷଦର ଜିଲା ସଭାପତି କୁମାର ରେଡ୍ଡୀ ସ୍ୱାଗତ ସୂଚନା ଓ ଅତିଥି ପରିଚୟ ଦେଇଥିଲେ। ପରିଷଦର ରାଜ୍ୟ ସମ୍ପାଦକ ହରିମୋହନ ପଟ୍ଟନାୟକ ଓ ରାଜ୍ୟ ଅଧ୍ୟକ୍ଷ ଏଲ.କେ. ପାଢ଼ୀ ଅତିଥି ରୂପେଯୋଗଦେଇ ଉପସ୍ଥିତ ଲୋକଙ୍କୁ ବିଭିନ୍ନ ଅଧିକାର ସମ୍ପର୍କରେ ସଚେତନ କରାଇଥିଲେ। ଏହି ଅବସରରେ ପରିଷଦ ପକ୍ଷରୁ କେତେଜଣ ସାମାଜିକ କର୍ମୀଙ୍କୁ ମାନପତ୍ର ଓ ପରିଚୟ ପତ୍ର ବଣ୍ଟନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସଙ୍ଗଠନର ରାଜ୍ୟ ଅଧ୍ୟକ୍ଷ ଲୋକନାଥ ମିଶ୍ର, ସଂଗ୍ରାମ ମହାରଣା, ସୁବ୍ରତ ମହାରଣା ଓ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶ୍ରୀଜଗନ୍ନାଥ ପଞ୍ଚରାତ୍ର ବିଶ୍ୱ କଲ୍ୟାଣ ଯଜ୍ଞ ଆରମ୍ଭ

ପାରଳାଖେମୁଣ୍ଡି,୨୯।୧ (ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ସଦର ପାରଳାଖେମୁଣ୍ଡିସ୍ଥିତ ଜଗନ୍ନାଥ ମନ୍ଦିର ସମ୍ମୁଖ ଏବଂ ଅର୍ବାନ ପଡିଆରେ ଶ୍ରୀଜଗନ୍ନାଥ ପଞ୍ଚରାତ୍ର ବିଶ୍ୱ କଲ୍ୟାଣ ଯଜ୍ଞ ଆରମ୍ଭ ହୋଇଛି। ଏହି ଅବସରରେ ଗୁରୁବାର ସ୍କନ୍ଦପୁରାଣର ବୈଷ୍ଣବ ଖଣ୍ଡ ବେଦ ପାଠ, ଘୃତ ଯଜ୍ଞ, ପାରାୟଣ, ଜଗନ୍ନାଥ କଥାମୃତ ସମେତ ଅନ୍ନଯଜ୍ଞ ସମ୍ପନ୍ନ ହୋଇଛି। ପ୍ରତିଷ୍ଠିତ ପଣ୍ଡିତ ଓ ପ୍ରବଚକମାନେ ଶ୍ରଦ୍ଧାଳୁଙ୍କୁ ଜଗନ୍ନାଥ କଥାମୃତ ଶୁଣାଉଛନ୍ତି। ବୁଧବାର କଳସଯାତ୍ରା ହୋଇଥିଲା। ଗଜପତି ଜିଲା ସମେତ ପଡୋଶୀ ଆନ୍ଧ୍ର ପ୍ରଦେଶର ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ସମଗ୍ର ଅଞ୍ଚଳ ଜଗନ୍ନାଥମୟ ହୋଇଛି। ଆଜି ଗଜପତି ଜିଲା ଗସ୍ତରେ ଆସିଥିବା ମନ୍ତ୍ରୀ ମୁକେଶ ମହାଲିଙ୍ଗ ମଧ୍ୟ ଜଗନ୍ନାଥଙ୍କ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ।

# ସ୍ୱାସ୍ଥ୍ୟସେବା, ପାନୀୟ ଜଳ ସହ ଅସମ୍ପୂର୍ଣ୍ଣ ପ୍ରକଳ୍ପର ସମୀକ୍ଷା କଲେ

**ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଗଜପତି ଜିଲା ଗସ୍ତ**

ପାରଳାଖେମୁଣ୍ଡି,୨୯।୧(ଗିରିଧାରୀ ପରିଚ୍ଛା)

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ ଏବଂ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ମୁକେଶ ମହାଲିଙ୍ଗ ଗୁରୁବାର ଦିନିକିଆ ଗଜପତି ଜିଲା ଗସ୍ତରେ ଆସି ବିଭିନ୍ନକାର୍ଯ୍ୟର ସମୀକ୍ଷା ଓ ବିଭିନ୍ନ ପ୍ରକଳ୍ପ ଅନୁଧ୍ୟାନ କରିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ମନ୍ତ୍ରୀ ସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟ ସମୀକ୍ଷା କରିଥିଲେ। ସମୀକ୍ଷା ବୈଠକରେ ପାରଳାଖେମୁଣ୍ଡି ବିଧାୟକ ରୂପେଶ କୁମାର ପାଣିଗ୍ରାହୀ, ମୋହନା ବିଧାୟକ ଦାଶରଥି ଗମାଙ୍ଗ, ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଏସପି ଯତୀନ୍ଦ୍ର ପଣ୍ଡା, ଜିଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହମ୍ମଦ ମୁବାରକ ଅଲ୍ଲୀ, ଅତିରିକ୍ତ ଜିଲାପାଳ ମୁନିନ୍ଦ୍ର ହୋନାଗା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପୃଥ୍ୱୀରାଜ ମଣ୍ଡଳ ଉପସ୍ଥିତ ଥିଲେ। ଜିଲାର କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ସ୍ୱାସ୍ଥ୍ୟ ସମ୍ପର୍କିତ ଯୋଜନା ଗୁଡ଼ିକର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ। ଗଜପତି ଜିଲାକୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସବୁ ଯୋଜନାର ସଫଳ ରୂପାୟନ ପାଇଁ ସେ ସମସ୍ତ



ମନ୍ତ୍ରୀ ମୁକେଶ ମହାଲିଙ୍ଗ ସମୀକ୍ଷା ବୈଠକରେ ଅଧିକାରୀମାନଙ୍କ ସହ ଆଲୋଚନା କରୁଛନ୍ତି।

ଗୋଷ୍ଠୀ ଚିକିତ୍ସା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ବିଭାଗର ବିଭିନ୍ନ ଭିତ୍ତିଭୂମିର ଉନ୍ନତି ପାଇଁ ନିର୍ମାଣାଧୀନ ସମସ୍ତ ପ୍ରକଳ୍ପ କାର୍ଯ୍ୟଶୀଘ୍ରଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ଜନସାଧାରଣଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ କାର୍ଯ୍ୟକାରୀ ହେଉଥିବା ସମସ୍ତ ମେଗା ପ୍ରକଳ୍ପଗୁଡ଼ିକର ସମୟ ସୀମା ମଧ୍ୟରେ ଶେଷକରି ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦେବାକୁ ମହାଲିଙ୍ଗ ପରାମର୍ଶ ଦେଇଛନ୍ତି। ଜିଲାର ଚାଷୀଙ୍କଠାରୁ ସମୟ ସୀମା ମଧ୍ୟରେ ଧାନ କ୍ରୟ କରିବା ପାଇଁ ଜିଲା ଯୋଗାଣ ବିଭାଗକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଜିଲା ସମାଜ ମଙ୍ଗଳ ବିଭାଗ, ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ, ସୁଭଦ୍ରା ଯୋଜନା, ଶିକ୍ଷା ବିଭାଗ ଓ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବିଭାଗ କାର୍ଯ୍ୟସହ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ସମୀକ୍ଷା ସେ କରିଥିଲେ। ସେହିପରି ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ମର୍କେଟିଂ ସୋସାଇଟି (ଓର୍ମାସ) ପକ୍ଷରୁ ଗୋଟିଏ ଜିଲା-ଗୋଟିଏ ଉତ୍ପାଦନ ଉପରେ ପ୍ରୋତ୍ସାହନ ସମ୍ପର୍କରେ ସେ ଆଲୋଚନା କରିଥିଲେ। ବୈଠକରେ ପାରଳାଖେମୁଣ୍ଡି ଉପଜିଲାପାଳ ଅନୁପ ପଣ୍ଡା, ଅଧୀକ୍ଷଣ ଯନ୍ତ୍ରୀ ଅଭିଷେକ ସେଠୀଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ, ସ୍ଥାନୀୟ ଜନପ୍ରତିନିଧି ଓ ସମସ୍ତ ବିଡିଓମାନେ ଉପସ୍ଥିତ ଥିଲେ । ପରେ ମନ୍ତ୍ରୀ ଗୋଷାଣି ବ୍ଲକ ଅନ୍ତର୍ଗତ କେରାଣ୍ଡି ପଞ୍ଚାୟତ ସଦର ମହକୁମାରେ ନିର୍ମିତ ଆୟୁଷମାନ ଆରୋଗ୍ୟ ମନ୍ଦିର ପରିଦର୍ଶନ କରିଥିଲେ । ମନ୍ତ୍ରୀ ମହାଲିଙ୍ଗ ପରେ ଖବରଦାତାମାନଙ୍କୁ ସୂଚନା ଦେଇ କହିଲେ, ଜିଲାରେ ଡାକ୍ତର ଓ ପାରା ମେଡିକାଲ ଷ୍ଟାଫଙ୍କ ଅଭାବ ରହିଛି। ମହାପ୍ରୟାଣ ଗାଡ଼ି ନ ମିଳିବାରୁ ବାଇକ ଓ କାନ୍ଧରେ ବୋହି ମୃତଦେହ ନିଆଯାଉଥିବା ଖବରକୁ ସେ ସ୍ୱୀକାର କରିଥିଲେ। ମହାପ୍ରୟାଣ ପରିବର୍ତ୍ତେ ଆଗାମୀ ଦୁଇ ମାସ ମଧ୍ୟରେ ମୃତଶରୀର ନେବା ପାଇଁ ୧୦୯ ଗାଡ଼ିର ବ୍ୟବସ୍ଥା କରାଯିବ। ଖୁବ ଶୀଘ୍ର ଜିଲାର ୧୪୯ଟି ପଞ୍ଚାୟତରେ ଆୟୁ ଆରୋଗ୍ୟ ମନ୍ଦିର ପ୍ରତିଷ୍ଠା କରାଯିବ। ଜିଲାର ୮ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟରୁ ୬ଟିକୁ ଉନ୍ନୀତ କରାଯିବ । ୨୧ଟି ପ୍ରାଥମିକ ଚିକିତ୍ସା କେନ୍ଦ୍ରକୁ ମଧ୍ୟ ଉନ୍ନୀତ କରାଯିବ। ଜିଲା ମୁଖ୍ୟ ଚିକିତ୍ସାଳୟରେ ୩୫୦ ଶଯ୍ୟା ବିଶିଷ୍ଟ କରାଯିବ ବୋଲି କହିଥିଲେ ।

# ଗଛରେ ପିଟି ହେଲା କାର, ୫ ଆହତ

ଭଞ୍ଜନଗର/ବେଲଗୁଣ୍ଠା,୨୯।୧(ବାବୁଲା ପ୍ରଧାନ/ କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)- ବେଲଗୁଣ୍ଠା ଥାନା ଅନ୍ତର୍ଗତ ବିଡ଼ିପୁର ନିକଟରେ ଗୁରୁବାର କାର (ଓଡି୦୨ଇଡି-୯୧୧୬) ଗଛରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୫ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଭଞ୍ଜନଗର ରୋଟାରୀ କ୍ଲବ ସମ୍ପାଦକ ଗୁପ୍ତେଶ୍ୱର ସୁବୁଦ୍ଧି (୫୨), ତାଙ୍କ ସ୍ତ୍ରୀ ବବିତା ସୁବୁଦ୍ଧି (୫୨), ଗୁପ୍ତେଶ୍ୱରଙ୍କ ବଡଭାଇ ଏସ୍.ଭାସ୍କର ସୁବୁଦ୍ଧି(୫୫), ଭାସ୍କରଙ୍କ ସ୍ତ୍ରୀ,ଏବଂ ଗାଡି ଚଳାଉଥିବା ଗୁପ୍ତେଶ୍ୱରଙ୍କ ପୁଅ ଏସ୍. ସୁବ୍ରତ ସୁବୁଦ୍ଧି (୨୮)। ସେମାନଙ୍କୁ ପ୍ରଥମେ ପ୍ରେସ୍ କ୍ଲବ୍ ସଦସ୍ୟ ସୁରେଶ ସୁବୁଦ୍ଧି ଓ ବେଲଗୁଣ୍ଠାର ଜଣେ ଯୁବକ ପବିତ୍ର ପାତ୍ର ଉଦ୍ଧାର କରି ଭଞ୍ଜନଗର ମେଡିକାଲରେ ଭର୍ତ୍ତି କରିଥିଲେ। ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ଗୁପ୍ତେଶ୍ୱର ଏବଂ ପରିବାରର ଅନ୍ୟ ସଦସ୍ୟମାନେ ଭୋଜିରେ ଯୋଗ ଦେବାକୁ ପୁରୀ ଯାଇଥିଲେ। ଗୁରୁବାର ସକାଳୁ ସେମାନେ ଭଞ୍ଜନଗର ଅଭିମୁଖେ ଫେରୁଥିଲେ। ଭଞ୍ଜନଗର ଜଗନ୍ନାଥପ୍ରସାଦ ମୁଖ୍ୟ ରାସ୍ତାର ବିଡ଼ିପୁର ନିକଟରେ କାରଟି ଏକ ଗଛରେ ଧକ୍କା ହୋଇଥିଲା। ଭଞ୍ଜନଗର ରୋଟାରୀ କ୍ଲବ ସଭାପତି ରଞ୍ଜିତ ବାରିକ, ପୂର୍ବତନ ସମ୍ପାଦକ ପ୍ରଦ୍ୟୁମ୍ନ ମଲ୍ଲିକ ଏବଂ ଅନ୍ୟମାନେ ମେଡ଼ିକାଲରେ ପହଞ୍ଚି ଆହତଙ୍କୁ ଭେଟିଛନ୍ତି। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରିଛି।



ଗଛରେ ଧକ୍କା ହୋଇଥିବା କାର ।

# ସଂସ୍କୃତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ




ଆସିକା,୨୯।୧(ସୁରେନ୍ଦ୍ର ନାଥ ସାହୁ): ଆସିକା ମେକ ମାଇକେଲ ସଂସ୍କୃତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଅଶ୍ୱିନୀ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂ ଶାସିତ ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡ. ବିଘ୍ନେଶ୍ୱର ମିଶ୍ର ଓ ଆସିକା ବିଧାୟକଙ୍କ ପ୍ରତିନିଧି ସଙ୍ଗିତ ପାଢୀ ମୁଖ୍ୟଅତିଥି, ଅବସରପ୍ରାପ୍ତ ବେଦ ବିଭାଗ ପ୍ରଫେସର ଡ. ଉମେଶ ପ୍ରସାଦ ଦାସ ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ । ଅବସରପ୍ରାପ୍ତ ଅଧ୍ୟାପକ ମନୋରଞ୍ଜନ ସାହୁ, ସନାତନ ପଣ୍ଡା, ହେଡ ପଣ୍ଡିତ ପ୍ରଦୀପ କୁମାର ତ୍ରିପାଠୀ, ବାବାନାଥ ମିଶ୍ର, ଶିଶିର କୁମାର ମିଶ୍ର, କବିତା କୁମାରୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାର୍ଥୀମାନେ ନିଜର ଉଜ୍ଜ୍ୱଳ ଭବିଷ୍ୟତ ଗଠନ ଲାଗି ଦୃଢ ସଂକଳ୍ପ ରଖି ଅଧ୍ୟୟନ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଟୁନା ମହାରଣା, ପ୍ରଦୀପ ଷଡଙ୍ଗି, ଜୁରିଆ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଆଜିଠୁ ପ୍ରାଦେଶିକ ଖେଳକୁଦ ସମାରୋହ

ଛତ୍ରପୁର,୨୯।୧(ଦିଲୀପ ସାମଲ): ବିଦ୍ୟାଭାରତୀ, ଶିକ୍ଷା ବିକାଶ ସମିତି ଓଡିଶା ଦ୍ୱାରା ଛତ୍ରପୁରଠାରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଆନୁକୁଲ୍ୟରେ ୩୭ତମ ପ୍ରାଦେଶିକ ଖେଳକୁଦ ସମାରୋହ ଚାଲିବା ଶୁକ୍ରବାରଠାରୁ ଫେବୃଆରୀ ୧ ପର୍ଯ୍ୟନ୍ତ ୩ ଦିନ ଧରି ହେବାକୁ ଥିବା ଏହି ସମାରୋହ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଗୁରୁବାର ଖବରଦାତା ସମ୍ମିଳନୀରେ ଓଡିଶା ଶିକ୍ଷା ବିକାଶ ସମିତିର ସାଧାରଣ ସମ୍ପାଦକ ଡ. ସରୋଜ କୁମାର ହାତୀ ଏହି ସୂଚନା ଦେଇଛନ୍ତି । ଏହି ଖେଳକୁଦରେ ଶିଶୁବିଦ୍ୟା ମନ୍ଦିର, ସଂକୁଳ ଓ ସମ୍ଭାଗ ସ୍ତରରୁ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି କୃତକାର୍ଯ୍ୟ ହୋଇଥିବା କ୍ରୀଡାବିତ୍ ଅଂଶ ଗ୍ରହଣ କରିବେ । ଏହି ଖେଳକୁଦ ସମାରୋହରେ ସମଗ୍ର ପ୍ରଦେଶର ୩୦ ଜିଲାରୁ ପ୍ରତିନିଧିତ୍ୱ କରୁଥିବା ୧୪ ବର୍ଷରୁ କମ, ୧୭ ବର୍ଷରୁ କମ ଓ ୧୯ ବର୍ଷରୁ କମ ବର୍ଗର ମେଟେ ୪୫୦ ଜଣ ଭଉଣୀ ଭାଇ ୮୬ଟି ଇଭେଣ୍ଟରେ ଭାଗ ନେବେ। ୬୦ ଜଣ କ୍ରୀଡା ପରିଚାଳକ ଏବଂ ୧୨୦ ଜଣ ସହାୟକ ଆଚାର୍ଯ୍ୟା ଆଚାର୍ଯ୍ୟ ସ୍ଥାନୀୟ ଶିଶୁବିଦ୍ୟା ମନ୍ଦିରର ୫୫ ଜଣ ଆଚାର୍ଯ୍ୟ ଆଚାର୍ଯ୍ୟା ଭାଗ ନେବେ । ମୁଖ୍ୟ ଅତିଥି ଭାବେ କ୍ରୀଡା, ଉଚ୍ଚଶିକ୍ଷା, ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ସମ୍ମାନିତ ଅତିଥି ଭାବେ ବାଣିଜ୍ୟ, ପରିବହନି ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏବଂ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକଙ୍କ ସମେତ ଅନ୍ୟାନ୍ୟ ଅତିଥିମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଖବରଦାତା ସମ୍ମିଳନୀରେ ପ୍ରାନ୍ତ ନିରୀକ୍ଷକ ଅଶ୍ୱିନୀ କୁମାର ନାୟକ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସଭାପତି ପଦ୍ମ ଚରଣ ସାହୁ, ସମ୍ପାଦକ ସନ୍ତୋଷ କୁମାର ସାହୁ, ପ୍ରାନ୍ତ ଖେଳକୁଦ ପ୍ରମୁଖ ସଞ୍ଜୟ କୁମାର ମିଶ୍ର, ସମ୍ଭାଗ ସଂଯୋଜକ ପ୍ରକାଶ ଚନ୍ଦ୍ର ତ୍ରିପାଠୀ ଓ ପ୍ରଧାନଚାର୍ଯ୍ୟ ରବୀନ୍ଦ୍ର ନାଥ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।



**ଯୋଗଦେବେ ୨ ମନ୍ତ୍ରୀ**

## ହାତୀପଲ ଆଦର୍ଶ ବିଦ୍ୟାଳୟ ଫାଟକ ଭାଙ୍ଗିଲେ

ଭଞ୍ଜନଗର,୨୯।୧(ବାବୁଲା ପ୍ରଧାନ) ଗଞ୍ଜାମ ଜିଲା ଭଞ୍ଜନଗର ଘୁମୁସର ଉତ୍ତର ବନଖଣ୍ଡର କେନ୍ଦ୍ରୀୟ ବନାଞ୍ଚଳ ଅନ୍ତର୍ଗତ ମଲାସପଦର ନିକଟରେ ଥିବା ଭଞ୍ଜନଗର ଆଦର୍ଶ ବିଦ୍ୟାଳୟ ମୁଖ୍ୟ ଫାଟକକୁ ହାତୀପଲ ବୁଧବାର ରାତିରେ ଭାଙ୍ଗି ଦେଇଛନ୍ତି। ବର୍ତ୍ତମାନ ଜମିରେ ଫସଲ ନାହିଁ। ତେଣୁ ହାତୀପଲ ଗ୍ରାମ ଅଭିମୁଖେ ଆସି ବିଭିନ୍ନ ଫସଲ ସହ ଅନ୍ୟାନ୍ୟ କ୍ଷତି କରୁଛନ୍ତି। ଏହାକୁ ନେଇ ଲୋକେ ଚିନ୍ତାରେ ପଡିଛନ୍ତି।

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଜଗନ୍ନାଥ ପ୍ରସାଦ,୨୯।୧(ବିଭୁ ପ୍ରସାଦ ପଟ୍ଟନାୟକ) ଜଗନ୍ନାଥ ପ୍ରସାଦ ଥାନା ଛାମୁଣ୍ଡା ଗ୍ରାମ ଲକ୍ଷଣପଲ୍ଲୀ ସାହିର ଜଣେ ଯୁବକ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ କାହ୍ନୁ ଚରଣ ପ୍ରଧାନ (୨୨)। ଶିମିଳିଖୋଳା କାଜୁ ତୋଟାବର ଏକଗଛରୁ ମୃତଦେହକୁ ସ୍ଥାନୀୟ ପୋଲିସ ଓ ଦମକଳ ବାହିନୀ ସହାୟତାରେ ଉଦ୍ଧାର କରାଯାଇଥିଲା। କାହ୍ନୁ ଅନ୍ୟ ଜାତିରେ ବିବାହ କରିଥିବାରୁ ମୃତଦେହକୁ ଜ୍ଞାତିକୁଟୁମ୍ବ ଛୁଇଁ ନ ଥିଲେ। ଏହା ଜାଣିବା ପରେ ସ୍ଥାନୀୟ ଗୋପବନ୍ଧୁ ଚାରିଟେବୁଲ ଟ୍ରଷ୍ଟ ସଦସ୍ୟମାନେ ମୃତଦେହ ନେଇ ସତ୍କାର କରିଥିଲେ। ସୂଚନା ପ୍ରକାରେ ଛାମୁଣ୍ଡା ଗ୍ରାମ ଲକ୍ଷଣ ପଲ୍ଲୀ ସାହିର କାହ୍ନୁଙ୍କ ମାମୁ ଧୋବା ନାୟକଙ୍କ ପାଖରେ ରହୁଥିଲେ। କିଛି ବର୍ଷ ହେଲା କାହ୍ନୁ ବାହାର ରାଜ୍ୟକୁ ଯାଇ ଶ୍ରମିକ ଭାବେ କାମ କରୁଥିଲେ। ଏକ ବର୍ଷ ହେବ ଅନ୍ୟ ଜାତିର ଏକ ଝିଅ ସହିତ ପ୍ରେମ ବିବାହ କରି ଗେରେଡା ଗ୍ରାମ ନିକଟ ମାଣପୁରରେ ଉଭୟେ ସ୍ୱାମୀ ସ୍ତ୍ରୀ ରହୁଥିଲେ। ବୁଧବାର ଗ୍ରାମକୁ ଆସି କାହ୍ନୁ ୫ ହଜାର ଟଙ୍କା ମାମୁ ଧୋବାଙ୍କୁ ମାଗିଥିଲେ। ଘର ଚଳିବା ଅସୁବିଧାରୁ ଧୋବା ଟଙ୍କା ନ ଥିବା ଜଣାଇଥିଲେ। ଗ୍ରାମ ନିକଟ ଶିମିଳି ବରଗଛରେ କାହ୍ନୁଙ୍କୁ ଝୁଲୁଥିବା ଅବସ୍ଥାରେ ଗ୍ରାମବାସୀ ଦେଖି ସ୍ଥାନୀୟ ପୋଲିସକୁ ଖବର ଦେଇଥିଲେ। ନଂ. ୪/୨୬ରେପୋଲିସ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାର ନାମ ପରିବର୍ତ୍ତନକୁ କଂଗ୍ରେସର ବିରୋଧ



ଦାରିଙ୍ଗବାଡ଼ି,୨୯।୧ (ଅରୁଣ ସାହୁ): ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାର ନାମ ପରିବର୍ତ୍ତନକୁ ବିରୋଧ କରି ଗୁରୁବାର କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ପରିସରରେ କଂଗ୍ରେସର ବ୍ଲକ୍ ସଭାପତି ଜିରୀମୟ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜି.ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିବା ବେଳେ ଅନ୍ୟତମ ଅତିଥିଭାବେ ଦଳର ଜିଲା ସଭାପତି ଚନ୍ଦ୍ରଶେଖର ପରିଡ଼ା ଯୋଗଦେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ଗର୍ଜିଥିଲେ। ସେମାନଙ୍କ ଅଭିଯୋଗ ଯେ ସରକାର ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାର ନାମ ପରିବର୍ତ୍ତନ କରି ଭିବି ଜି ରାମଜି ନାମ କରଣ କରିଛନ୍ତି। ତେବେ ଦେଶକୁ ସ୍ୱାଧୀନତା ଆଣିଥିବା ମହାତ୍ମାଗାନ୍ଧୀଙ୍କ ନାମକୁ ଲୋପ କରିବାକୁ ଭାଜପା ଏକ ବଡ଼ ଷଡଯନ୍ତ୍ର କରୁଥିବା ବିଧାୟକ ଏବଂ ଜିଲା ସଭାପତି ଅଭିଯୋଗ କରିଛନ୍ତି। ସେହିପରି ସରକାର ସ୍ମାର୍ଟ ମିଟର ଲଗାଇ ଗରିବ ଲୋକଙ୍କୁ ଲୁଟିବା ଏକ ନିନ୍ଦନୀୟ ବୋଲି କହିଥିଲେ। ଭାଜପା ସରକାର ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ରୋଜଗାର ନିଶ୍ଚିନ୍ତ ଯୋଜନା ଗ୍ରାମୀଣ ଭାରତର ଲୋକମାନଙ୍କୁ କାମ ମାଗିବାର ଆଇନଗତ ଅଧିକାର ଦେଇଥିବା ଓ ସମଗ୍ର ଗ୍ରାମୀଣ ଭାରତରେ ୧ ଶହ ଦିନର ରୋଜଗାର ନିଶ୍ଚିତ କରିଥିଲା ବୋଲି ଦଳ ପକ୍ଷରୁ କୁହାଯାଇଥିଲା। ସଭାପରେ ବିରାଟ ଶୋଭାଯାତ୍ରା ଦାରିଙ୍ଗବାଡ଼ି ପରିକ୍ରମା କରି ବ୍ଲକ୍ କାର୍ଯ୍ୟାଳୟ ପରିସରରେ ପହଞ୍ଚିବା ପରେ ନେତା ଓ କର୍ମୀ ଧାରଣା ଦେଇଥିଲେ। ପରେ ବିଡ଼ିଓ ପ୍ରୀତିରଞ୍ଜନ ରଥଙ୍କୁ ଏକ ଦାବି ପତ୍ର ମୁଖ୍ୟମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ। ଦଳ ପକ୍ଷରୁ ସମସ୍ତେ ସାରିଙ୍ଗିଇର୍ପି ଠାରେ ଥିବା ସଭାଗୃହରେ ଏକ ନୂତନବର୍ଷ ଓ ନୂତନ କମିଟିକୁ ନେଇ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ପାଳନ କରାଯାଇଥିଲା।

# ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା ନେଇ ଛାତ୍ରୀଙ୍କ ସହର ପରିକ୍ରମା



ଛାତ୍ରୀଙ୍କ ପକ୍ଷରୁ ବାହାରିଥିବା ସଚେତନତା ପଦଯାତ୍ରା

ଜି.ଉଦୟଗିରି,୨୯।୧(ଚିନ୍ମୟ କୁମାର ସେଠୀ) ସରକାରଙ୍କ ତରଫରୁ ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ସ୍ଥାନୀୟ ଇନ୍ଦିରା ପ୍ରିୟଦର୍ଶିନୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ପଦଯାତ୍ରା ମାଧ୍ୟମରେ ଗୁରୁବାର ସଡ଼କ ସୁରକ୍ଷା ସଚେତନ କାର୍ଯ୍ୟକ୍ରମ କରାଯାଇଛି। ବହୁ ସମୟରେ ଗାଡ଼ି ଚଳାଇବା ସମୟରେ ହେଲମେଟ ନ ପିନ୍ଧିବା, ଟ୍ରାଫିକ୍ ନିୟମକୁ ଅମାନ୍ୟ କରିବା, ମଦ୍ୟପାନ କରି ଗାଡ଼ି ଚଳାଇ ଦୁର୍ଘଟଣାର ଶିକାର ହେଉଥିବା ଦେଖିବାକୁ ମିଳୁଛି। ଏଥିସହିତ ଡ୍ରାଇଭିଂ ଲାଇସେନ୍ସ ନ ଥିବା ଫଳରେ ପୋଲିସ୍ ହାତରେ ଧରା ପଡ଼ିବା ଏବଂ ଚାଲାଣ କାଟିବା ଇତ୍ୟାଦି ସମସ୍ୟାରେ ପଡୁଥିବାରୁ ପରିବାର ମଧ୍ୟରେ ଅଶାନ୍ତି ଏବଂ ମୃତ୍ୟୁମୁଖରେ ପଡୁଥିବାରୁ ବିଦ୍ୟାଳୟ ପକ୍ଷରୁ ପଦଯାତ୍ରା ମାଧ୍ୟମରେ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଛି। ଭାରପ୍ରାପ୍ତ ଅଧ୍ୟକ୍ଷ ଶିବରାମ ସାହୁଙ୍କ ତତ୍ତ୍ୱାବଧାନରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀମାନେ ସ୍ଲୋଗାନ ମାଧ୍ୟମରେ ସହର ପରିକ୍ରମା କରି ଜନସାଧାରଣଙ୍କୁ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଅଧ୍ୟାପିକା ଡ.ବବିତା ରାଣୀ ପଟ୍ଟନାୟକ, ମିନତି ଦାଶ, ସୁଧାରାଣୀ ପାତ୍ର, ସସ୍ମିତା ଦାଶଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ୧୨୭ ବାଟାଲିୟନର ସିଭିକ୍ସ ଆକ୍ସନ ପ୍ରୋଗ୍ରାମ

ତୁମୁଡିବନ୍ଧ,୨୯।୧ (ଦୀପକ କୁମାର ପରାସେଠ)

ତୁମୁଡିବନ୍ଧ ବ୍ଲକ୍ ଝିରିପାଣି ପଞ୍ଚାୟତର ସଭା ଗୃହରେ ୧୨୭ ବାଟାଲିୟନ ସିଆରପିଏଫର ସିଭିକ୍ସ ଆକ୍ସନ ପ୍ରୋଗ୍ରାମ କମାଣ୍ଡାଣ୍ଟ ପଙ୍କଜ ବର୍ମାଙ୍କ ନିର୍ଦ୍ଦେଶ କ୍ରମେ ଗୁରୁବାର ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମକୁ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଲକ୍ଷ୍ମୀ ନାରାୟଣ ପାସି ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବରେ ଝିରିପାଣି ସରପଞ୍ଚ କାନ୍ତି ପାତ୍ର, ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ଡଗର ପାତ୍ର ଓ ଗୋରେଖ ପାତ୍ର ଯୋଗ ଦେଇଥିଲେ। ଏହି ସିଭିକ୍ସ ଆକ୍ସନ ପ୍ରୋଗ୍ରାମ ମାଧ୍ୟମରେ ଝିରିପାଣି ଅଞ୍ଚଳର ୨୦ ଜଣ ଯୁବତୀଙ୍କୁ ୧୫ଦିନିଆ ଏକ ସିଲେଇ ତାଲିମ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆସିଷ୍ଟାଣ୍ଟ କାମାଣ୍ଡାଣ୍ଟ ପାସି ବୁଝାଇ କହିଥିଲେ ଯେ, ଯୁବତୀମାନେ ଅସାମାଜିକ ଲୋକ ଓ ସଂଗଠନ ମାନଙ୍କ ପ୍ରଲୋଭନ ପଡ଼ିବା ଓ ଦାଦନ ଶ୍ରମିକ ଭାବେ ଅନ୍ୟ ରାଜ୍ୟକୁ ଯିବା ଭଳି କାର୍ଯ୍ୟରୁ ନିବୃତ୍ତ ରହି ନିଜେ ଆତ୍ମନିର୍ଭରଶୀଳ ହେବା ଓ ରୋଜଗାର କରିବା ଏହା ବାଟ ଦେଖାଇବ। ଏଭଳି ପଦକ୍ଷେପକୁ ଅଞ୍ଚଳବାସୀ ସ୍ୱାଗତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ୧୨୭ ବାଟାଲିୟନ ସିଆରପିଏଫର ସମସ୍ତ ଯବାନ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ

# ସରିଲା କୃଷ୍ଣସାର ମୃଗ ଗଣନା

ଆସିକା/ବୁଗୁଡ଼ା/ଭଞ୍ଜନଗର,୨୯।୧ (ସୁରେନ୍ଦ୍ର ନାଥ ସାହୁ/କାଳୀ ଚରଣ ଦାଶ/ବାବୁଲା ପ୍ରଧାନ): ଗଞ୍ଜାମ ଜିଲାର ୩ ବନଖଣ୍ଡରେ ଗୁରୁବାର କୃଷ୍ଣସାର ମୃଗ ଗଣନା ହୋଇଛି। ଦକ୍ଷିଣ ଘୁମୁସର ବନଖଣ୍ଡର ବହୁଳ କୃଷ୍ଣସାର ବସତି ଅଞ୍ଚଳ ଆସିକା ବନାଞ୍ଚଳର ବିଭିନ୍ନ ସ୍ଥାନରେ କୃଷ୍ଣସାର ମୃଗ ଗଣନା ହୋଇଥିଲା। ଗଣତିରେ ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ବିପାଶା ପାରୁଲ, ସହକାରୀ ବନ ସଂରକ୍ଷକ ପ୍ରଦିପ କୁମାର, ପ୍ରବେଶନ ଆଇଏଫଏସ ଲବଧି ଜୈନ, ଆସିକା ବନାଞ୍ଚଳ ଅଧିକାରୀ ପ୍ରମୋଦ କୁମାର ପଣ୍ଡା, ବନପାଳ ଶରତ ବେହେରା, ପ୍ରଶିକ୍ଷକ ଆଶିସ ରଥ, ରାଜେଶ୍ୱରୀ ବେହେରାଙ୍କ ସମେତ ବନ କର୍ମଚାରୀ ସାମିଲ ଥିଲେ। ଗଣତି ଲାଗି ୭୦ଟି ଦଳ ରହିଥିଲେ। ଆସିକା ବନାଞ୍ଚଳରେ ଆସିକା ଓ ଶେରଗଡ ସେକ୍ସନ ଲାଗି ୨୭ଟି ଦଳ ସାମିଲ ଥିଲେ । ସକାଳ ୬ରୁ ସକାଳ ୯ଟା ଓ ଅପରାହ୍ନ ୪ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଦୁଇଟି ପର୍ଯ୍ୟାୟରେ ଏହି ଗଣତି କରାଯାଇଥିଲା। ଆସିକା ସେକ୍ସନର ଜଗତି ପଡିଆ, ଚାଙ୍ଗରାମାଳ, ଜୟପୁର, ପଢାଳ, ଦନ୍ତାରିବଗଡ, ବ୍ରାହ୍ମଣବଗଡ, ବାଦଗଡ, ସିଦ୍ଧନୟୀ, ବଣବାଲି, ସନ୍ଧିନୂଆପଲ୍ଲୀ, ଗୁଣ୍ଡପଡା, ପାଣ୍ଡିଆପଥର ସାଙ୍ଗକୁ ଶେରଗଡ ସେକ୍ସନର କାଞ୍ଜିଆମା ଓ ତହିଁର ଠାରେ ମୃଗ ଗଣତି କରାଯାଇଥିଲା । ଚଳିତ ବର୍ଷ ମାନୁଆଲ ଗଣତି ସହ ଡ୍ରୋନ କ୍ୟାମେରା ମାଧ୍ୟମରେ ଏହି ଗଣତି କରାଯାଇଥିଲା। ସେହିପରି ବୁଗୁଡା ବନାଞ୍ଚଳର ବିଭିନ୍ନ ସ୍ଥାନରେ କୃଷ୍ଣସାର ମୃଗ ଗଣନା କରାଯାଇଛି। ବନାଞ୍ଚଳ ଅଧିକାରୀ ମାନସ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ବନ୍ୟପ୍ରାଣୀ ଜୀବବିଜ୍ଞାନୀ ରାଜେଶ୍ୱରୀ ଗୌଡ, ସୁରେଶ ଚନ୍ଦ୍ର ସ୍ୱାଇଁ, ପ୍ରକୃତି ବନ୍ଧୁ ପୁରସ୍କୃତ ଦ୍ୱିତିକୃଷ୍ଣ ଲେଙ୍କା, ବନ୍ୟପ୍ରାଣୀ ଗବେଷକ ଉଦୟ କୁମାର ଦାସ, ଅବସରପ୍ରାପ୍ତ ବନ କର୍ମଚାରୀ ଗଙ୍ଗାଧର ବିଷୋୟୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୌରୀ ଶଙ୍କର ମିଶ୍ର, କୃଷ୍ଣସାର ମୃଗ କମିଟି ସଦସ୍ୟ ରାମଚନ୍ଦ୍ର ଭୂୟାଁ, ପ୍ରାଣୀ ବିଜ୍ଞାନ ବିଭାଗୀୟ ସହକାରୀ ପ୍ରଫେସର ଚିତ୍ରସେନ ସେଠୀ, ଅବସରପ୍ରାପ୍ତ ରେଞ୍ଜର ଅନୁପମ ବାନାର୍ଜୀ ପ୍ରମୁଖ ଯୋଗ ଦେଇଥିଲେ। ବନପାଳ, ବନରକ୍ଷୀ, ସ୍କାର୍ଡ ଓ ଅନ୍ୟମାନଙ୍କୁ ନେଇ ଗଠିତ ୨୭ଟି ୟୁନିଟରେ ୮୦ ଜଣ ସାମିଲ ଥିଲେ। ସେହିପରି ଉତ୍ତର ଘୁମୁସର ବନଖଣ୍ଡ ଓ ବ୍ରହ୍ମପୁର ବନଖଣ୍ଡରେ ମଧ୍ୟ ମୃଗ ଗଣନା କରାଯାଇଥିଲା।



ଆସିକା ଦକ୍ଷିଣ ଘୁମୁସର ବନଖଣ୍ଡରେ କୃଷ୍ଣସାର ମୃଗ ଗଣନାରେ ସାମିଲ ବନ କର୍ମଚାରୀ।



ଗୋପାଳପୁର ମହୋତ୍ସବରେ ବ୍ରହ୍ମପୁରର ବାଘ ନାଚ।



ଆସାମର ବିହୁ ନୃତ୍ୟ।



ପୁରୁଲିଆର ଛଉ ନୃତ୍ୟ। (ଫଟୋ: ସମୀର)

## ୧୦ମ ଶ୍ରେଣୀ ଛାତ୍ର ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ
# ଖଣ୍ଡା ଚୋଟରେ ଜଣେ ଗୁରୁତର

ବ୍ରହ୍ମପୁର,୨୯।୧(ସୁବାସ ଚନ୍ଦ୍ର ପାଢ଼ୀ): ବ୍ରହ୍ମପୁର ନିମଖଣ୍ଡିସ୍ଥିତ ପିଏମ୍ଶ୍ରୀ ଶ୍ରୀକୃଷ୍ଣ ସାହୁ ଉଚ୍ଚ ବିଦ୍ୟାଳୟର ୨ ଛାତ୍ର ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଛି। ବୁଧବାର ଗୋଟିଏ ଗୋଷ୍ଠୀର ଖଣ୍ଡା ଚୋଟରେ ୩ ଜଣ ୧୦ମ ଶ୍ରେଣୀ ଛାତ୍ର ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଛି । ନିମଖଣ୍ଡି ଥାନା ପୋଲିସ ଘଟଣାସ୍ଥଳ ଓ ଡାକ୍ତରଖାନାରେ ପହଞ୍ଚି ତଦନ୍ତ ଜାରି ରଖିଛି। ସୂଚନାପ୍ରକାରେ, ମଙ୍ଗଳବାର ପ୍ରିବୋର୍ଡ ପ୍ରଥମ ପରୀକ୍ଷା ସରିବା ପରେ କୌଣସି କାରଣକୁ ନେଇ ଦଶମ ଶ୍ରେଣୀର ୨ ଜଣ ଛାତ୍ରଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା । ସେହିଦିନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସହ ଅନ୍ୟମାନେ ଉଭୟ ପକ୍ଷ ଅଭିଭାବକଙ୍କୁ ଡାକି ବୁଝାଶୁଝା କରି ଛାଡିଥିଲେ । ହେଲେ ବୁଧବାର ପରୀକ୍ଷା ସରିବା ପରେ ଉଭୟ ଛାତ୍ର ଗୋଷ୍ଠୀ ମଧ୍ୟରେ ପୁଣିଥରେ ଗଣ୍ଡଗୋଳ ହୋଇଥିଲା। ଗୋଟିଏ ଗୋଷ୍ଠୀର ଛାତ୍ର କେତେଜଣ ଅଣଛାତ୍ରଙ୍କୁ ଡାକି ବିଦ୍ୟାଳୟ ବାହାରେ ବିପକ୍ଷ ଗୋଷ୍ଠୀଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ଖଣ୍ଡା ଚୋଟରେ ଦଶମ ଶ୍ରେଣୀ ଛାତ୍ର ସତିଶ ନାୟକଙ୍କ ହାତରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେହିପରି ସତିଶଙ୍କ ଅନ୍ୟ ୨ ସହପାଠୀ ମଧ୍ୟ ଆହତ ହୋଇଥିଲେ। ପ୍ରଧାନ ଶିକ୍ଷକ ସାନ୍ତନୁ କୁମାର ଦାଶ ଘଟଣା ସମ୍ପର୍କରେ ନିମଖଣ୍ଡି ଥାନା ପୋଲିସକୁ ଖବର ଦେଇଥିଲେ। ଆହତ ନାବାଳକଙ୍କ ପରିବାର ଓ ଗ୍ରାମବାସୀ ବିଦ୍ୟାଳୟ ଫାଟକ ସମ୍ମୁଖରେ ହୋହାଲ୍ଲା କରିଥିଲେ। ପୋଲିସ ଆସିବା ପରେ ସ୍ଥିତି ଶାନ୍ତ ପଡିଥିଲା ।

# ମହୋତ୍ସବ ସମସ୍ତଙ୍କୁ ଏକାକାର କରିବାର ମାଧ୍ୟମ

ବ୍ରହ୍ମପୁର/ଗୋପାଳପୁର, ୨୯।୧ (ସୁବାସ ଚନ୍ଦ୍ର ପାଢ଼ୀବ/ନବୀନ ରାଜ ଆଚାରୀ) ଗୋପାଳପୁରଠାରେ ବେଳାଭୂମି ମହୋତ୍ସବ ଚାଲିଛି। ଗୁରୁବାର ମହୋତ୍ସବର ତୃତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ରୂପେ ବାଚସ୍ପତି ସୁରମା ପାଢୀ ଯୋଗଦେଇ କହିଲେ ଯେ, ମହୋତ୍ସବ କଳା, ସାଂସ୍କୃତିକ, ଭାଷା ଜାତିବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କୁ ଏକାକାର କରିବା ମାଧ୍ୟମ। ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ମାଧ୍ୟମରେ ଏତେ ବଡ ଆୟୋଜନ ନିଶ୍ଚିତ ରୂପେ ପ୍ରଶଂସନୀୟ। ଦେଶର ବିଭିନ୍ନ କଳାର ଆଦାନ ପ୍ରଦାନ ହୋଇପାରିଛି। ମହୋତ୍ସବ ଆଧ୍ୟାତ୍ମିକ ଚିନ୍ତାଧାରାରେ ହୋଇଥିବାରୁ ସମୁଦ୍ର ଆଳତି ବେଳେ ଏକ ବଡ କଚ୍ଛପ ଏହା ଦେଖିବାକୁ ଆସିବା ବିରଳ । ସାମୁଦ୍ରିକ ବେଳାଭୂମି ଆମ ଜୀବନ ଓ ପରମ୍ପରା ସହିତ ଜଡିତ। ଜାପାନର ଉଦାହରଣ ଦେଇ ସେଠାରେ ସାମୁଦ୍ରିକ ମହୋତ୍ସବ ସେମାନଙ୍କ ଜୀବନ ସହିତ କିଭଳି ଜଡିତ ତାହାକୁ ବାଚସ୍ପତି ଉତ୍ଥାପନ କରିଥିଲେ। ଏହା ଆଗାମୀ ଦିନରେ ଜାରି ରହିବ ବୋଲି ସେ ଆଶା କରୁଥିବା କହିଥିଲେ। ସେହିପରି ସମ୍ମାନନୀୟ ଅତିଥି ଭାବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ ଯୋଗଦେଇ କହିଲେ ଯେ, ମହୋତ୍ସବକୁ ଆନ୍ତର୍ଜାତିକ ପର୍ବ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। ଗୋପାଳପୁର ଏକ ପର୍ଯ୍ୟଟନସ୍ଥଳ। ଏଠାକୁ ବିଭିନ୍ନ ଦେଶର ପର୍ଯ୍ୟଟକମାନେ ଆସୁଛନ୍ତି। ଏହି ନିଆରା ମହୋତ୍ସବ ଦେଶ ବିଦେଶରେ ପ୍ରସାରିତ ହେବ ଏଥିରେ ସନ୍ଦେହ ନାହିଁ। ସମୁଦ୍ର ଆଳତି ନିଆରା। ଆଳତି ବେଳେ କଚ୍ଛପ ଦେଖାଦେବା ଓଡ଼ିଶା ପାଇଁ ଶୁଭଦାୟକ। କଳା ଓ ସଂସ୍କୃତିର ମିଶ୍ର ଓ ବିଭିନ୍ନ କଳାକାରଙ୍କ ଭାବ ଆଦାନ ପ୍ରଦାନ ସମସ୍ତଙ୍କୁ ଏକ ନିଆରା ମୁହୂର୍ତ୍ତରେ ପ୍ରବେଶ କରିପାରିଛି। ତେଣୁ ଏହି ମହୋତ୍ସବ ପ୍ରତିବର୍ଷ ଜାରି ରହୁ ବୋଲି କହିଥିଲେ। ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା ମହୋତ୍ସବକୁ ନେଇ ତାଙ୍କର ଚିନ୍ତାଧାରା ପ୍ରକାଶ କରିଥିଲେ। ସାମୁଦ୍ରିକ ବେଳାଭୂମିକୁ ନେଇ ବୋଇତ ବନ୍ଦାଣ ଉତ୍ସବ ଓ ଏହି ମହୋତ୍ସବ ହୋଇଛି। ଏହା ଆଗାମୀ ଦିନରେ ଜାରି ରହିବ। ବିଭିନ୍ନ ଦେଶର କଳା ଓ କଳାକାରଙ୍କ ମିଶ୍ରଣ ସହିତ ଅନେକ ସ୍ଥାନରୁ ଆସୁଥିବା ଦର୍ଶକଙ୍କୁ ଏହା ବିମୋହିତ କରିଛି ବୋଲି ସେ କହିଥିଲେ। ସହଯୋଗ କରିଥିବାରୁ ସମସ୍ତଙ୍କୁ ପ୍ରଶଂସା କରିଥିଲେ। ଅନ୍ୟତମ ଅତିଥିଭାବେ ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ, ଶିଶୁ ସୁରକ୍ଷା ଅଧିକାର ଆୟୋଗର ଅଧ୍ୟକ୍ଷା ବବିତା ପାତ୍ର, ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ସଂଗ୍ରାମ କେଶରୀ ମହାପାତ୍ର, ଦକ୍ଷିଣାଞ୍ଚଳ ପୋଲିସ ମହାନିରୀକ୍ଷକ ନୀତି ଶେଖର, ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ସଚ୍ଚିଦାନନ୍ଦ ନାୟକ, ଜିଲାପାଳ ଭି.କୀର୍ତ୍ତିଭାସନ ଅତିରିକ୍ତ ଜିଲାପାଳ ଦେବୀଦତ୍ତ ପଣ୍ଡା, ଗଞ୍ଜାମ ଏସପି ଶୁଭେନ୍ଦୁ କୁମାର ପାତ୍ର ପ୍ରମୁଖ ମହୋତ୍ସବକୁ ନେଇ ନିଜ ମତ ରଖିଥିଲେ। ଅଭିନେତା ଅରିନ୍ଦମ ରାୟ, ବୁଦ୍ଧାଦିତ୍ୟ ମହାନ୍ତି ଉଷାଶୀ ମିଶ୍ର, ଶ୍ରୀତମ ଦାସ, ପୁପିନ୍ଦର, ସତ୍ୟଜିତ ପ୍ରଧାନ, ହୃଷୀକେଶ ଦାସ, ପ୍ରଜ୍ଞାନ ରଞ୍ଜନ ଖଟୁଆ, ଶଙ୍କର ପ୍ରଧାନ, ଶୀତଲ ପାତ୍ର, ସୂର୍ଯ୍ୟମୟୀ ମହାପାତ୍ର ପ୍ରମୁଖ କଳା ପରିବେଷଣ କରିଥିଲେ। ଏଥି ସହିତ ବ୍ରହ୍ମପୁରର ଉତ୍କଳିକା ନୃତ୍ୟ ଅନୁଷ୍ଠାନ ଓଡିଶୀ, ଲଳିତ ସାଂସ୍କୃତିକ ଅନୁଷ୍ଠାନ ଆଧୁନିକ ନୃତ୍ୟ, ଜେଡିଟି ଡ୍ୟାନ୍ସ ଏକାଡେମୀ ଆଧୁନିକ, ରକଷ୍ଟାର ଡ୍ୟାନ୍ସ ଏକାମେହମୀ ଆଧୁନିକ, କଲାଞ୍ଜଳି ଅନୁଷ୍ଠାନ ଓଡିଶୀ, ଆସାମର ବିହୁ, ବଲାଙ୍ଗୀରର ଘୁଡୁକା ନୃତ୍ୟ ପରିବେଷିତ ହୋଇଥିଲା।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ଗୋପାଳପୁର ମହୋତ୍ସବର ୩ୟ ସନ୍ଧ୍ୟା**

# ପୂର୍ବତନ ଔଷଧ ନିରୀକ୍ଷକଙ୍କୁ ୩ ବର୍ଷ ଜେଲ

ବ୍ରହ୍ମପୁର,୨୯।୧(ସୁବାସ ଚନ୍ଦ୍ର ପାଢ଼ୀ)

ଏକ ଆୟ ବହିର୍ଭୂତ ସମ୍ପତି ଠୁଳ ମାମଲାର ବିଚାର କରି ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟର ଜଜ ଜ୍ଞାନେନ୍ଦ୍ର କୁମାର ବାରିକ ଜଣେ ପୂର୍ବତନ ଔଷଧ ନିରୀକ୍ଷକଙ୍କୁ ୩ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ସେ ହେଲେ ବ୍ରହ୍ମପୁର ଧର୍ମନଗରର ଟି. ବାସୁଦେବ ରାଓ (୬୯) । ଉକ୍ତ ଦଣ୍ଡ ସହ ଦେଢ଼ ଲକ୍ଷ ଟଙ୍କା ଜରିମାନା ଦେବାକୁ ଜଜ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଆଉ ୬ ମାସ ଜେଲ ଦଣ୍ଡ ଭୋଗିବାକୁ ହେବ ବୋଲି ରାୟରେ ଉଲ୍ଲେଖ ରହିଛି । ୨୦୦୭ ମସିହା ବେଳକୁ ଟି. ବାସୁଦେବ ରାଓ ଔଷଧ ନିରୀକ୍ଷକ ଭାବେ ବଲାଙ୍ଗୀରରେ କାର୍ଯ୍ୟ କରୁଥିଲେ । ସେହି ସମୟରେ ତାଙ୍କ ନାମରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ହୋଇଥିଲା । ଭିଜିଲାନ୍ସ ବିଭାଗର ୫ଟି ଟିମ ୨୦୦୭ ଅଗଷ୍ଟ ୨୩ରେ ତାଙ୍କ ଧର୍ମନଗର ସ୍ଥିତ ବାସଭବନ, ଦେଶିବେହେରା ପୈତୃକ ବାସଭବନ, ଶ୍ୱଶୁର ଘର ଓ ବଲାଙ୍ଗୀର ସ୍ଥିତ ସରକାରୀ କାର୍ଯ୍ୟାଳୟ, ବ୍ୟବସାୟିକ ପ୍ରତିଷ୍ଠାନ ସମେତ ୫ ସ୍ଥାନରେ ଏକାକାଳୀନ ଚଢଉ କରାଯାଇଥିଲା । ଚଢଉ ବେଳେ ତାଙ୍କ ନିକଟରୁ ମୋଟ ୩୫ଲକ୍ଷ ୩୬ ହଜାର ୮୮୪ ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠାବ ହୋଇଥିଲା । ଯାହା ତାଙ୍କ ମୋଟ ଆୟର ୧୦୭.୮୯% ଅଧିକ ରହିଥିଲା । ଭିଜିଲାନ୍ସ ପକ୍ଷରୁ ମାମଲା ରୁଜୁ ହୋଇ ବ୍ରହ୍ମପୁର ଭିଜିଲାନ୍ସ କୋର୍ଟରେ ବିଚାର ଜାରି ରହିଥିଲା । ବିଚାର ବେଳେ ୫୧ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ରାୟ ପ୍ରକାଶ ବେଳେ ବାସୁଦେବ ରାଓ କୋର୍ଟରେ ହଜାର ହୋଇଥିଲେ । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସୁରେନ୍ଦ୍ର ପଣ୍ଡା, ଅଶୋକ କୁମାର ଶୁକ୍ଳା ସୁମିତ ନାୟକ ମକଦ୍ଦମା ପରିଚାଳନା କରୁଥିଲେ ।



**ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା**

# ଜଳିଗଲା କଣ୍ଟେନର

ଗୋପାଳପୁର, ୨୯।୧(ନବୀନ ରାଜ ଆଚାରୀ) ୧୬ ନଂ ଜାତୀୟ ରାଜପଥର ରଣ୍ଡା ଛକଠାରେ ଗୁରୁବାର ରାତି ସାଢେ ୮ଟାରେ ଏକ ଚଳନ୍ତା କଣ୍ଟେନର (ଏନଏଲ ୦୧ଏଜେ -୭୨୬୧)ରେ ହଠାତ ନିଆଁ ଲାଗି ଯାଇଥିଲା। ବ୍ରହ୍ମପୁର ପଟୁ ଇଚ୍ଛାପୁର ଅଭିମୁଖେ ଯାଉଥିବା ବେଳେ ରଣ୍ଡା ଛକଠାରେ ଏପରି ଘଟିଛି। ସ୍ଥାନୀୟ ଲୋକେ ଗୋଲନ୍ଥରା ପୋଲିସ ଓ କନିଷି ଅଗ୍ନିଶମ ବିଭାଗକୁ ଖବର ଦେବା ପରେ ଅଗ୍ନିଶମ ବିଭାଗ ପହଞ୍ଚି ପ୍ରାୟ ଅଢେଇ ଘଣ୍ଟା ପରିଶ୍ରମ କରି ନିଆଁକୁ ଆୟତ୍ତ କରିଥିଲା । ଏହି କଣ୍ଟେନରରେ ରବର ମେଟ ଲୋଡ୍ ଥିବା ଜଣାପଡିଛି । ଚାଳକ ଓ ହେଲପର ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଏଥିଯୋଗୁ ଜାତୀୟ ରାଜପରେ ଅଢେଇ ଘଣ୍ଟା ଧରି ଗାଡିମୋଟର ଚଳାଚଳ ବନ୍ଦ ବନ୍ଦ ରହିଥିଲା। ଶର୍ଟ ସର୍କିଟରୁ ଏପରି ନିଆଁ ଲାଗିଯାଇଥିବା ସନ୍ଦେହ କରାଯାଉଛି।

# ଜାତୀୟ ସ୍ତରରେ ଗଞ୍ଜାମ ଟାଏକୋଣ୍ଡୋ ପ୍ରତିଯୋଗୀଙ୍କ ସଫଳତା



ସଫଳତା ହାସଲ କରିଥିବା ପ୍ରତିଯୋଗୀ।

ବ୍ରହ୍ମପୁର,୨୯।୧(ସ୍ମୃତି ରଞ୍ଜନ ମହାଲିକ)

ଇଣ୍ଡିଆ ଟାଏକୋଣ୍ଡୋ ଦ୍ୱାରା ରାଜସ୍ଥାନର ଜୟପୁରର ଏସଏମଏସ ଷ୍ଟାଡିୟମରେ ଆୟୋଜିତ ୨ୟ ଫେଡେରେସନ କପ ପ୍ରତିଯୋଗିତାରେ ପ୍ରତିଯୋଗୀମାନେ ସଫଳତା ହାସଲ କରିଛନ୍ତି। ଏହି ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଅଂଚଳରୁ ୭୦ରୁ ଅଧିକ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ଗଞ୍ଜାମ ଜିଲାର ଗଞ୍ଜାମ ତାଏକୋଣ୍ଡୋ ସଭାପତି ସୁଜିତ୍ କୁମାର ମିଶ୍ର ,ଜାତୀୟ ସ୍ତରୀୟ କୋଚ ସରୋଜ ବଡମୁଣ୍ଡି, ବି ସତିଶ କୁମାର ରାଓ,କୈବଲ୍ୟ ବଡମୁଣ୍ଡି ଓ କିରଣ ନାୟକଙ୍କ ନେତୃତ୍ୱରେ ୨୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିମଧ୍ୟରୁ ୧୯ ଜଣ ୨୩ଟି ପଦକ ହାସଲ କରିଛନ୍ତି । ଯେଉଁଥିରେ ୫ଟି ସ୍ୱର୍ଣ୍ଣ ପଦକ, ୬ଟି ରୌପ୍ୟ ଓ ୧୨ଟି କାଂସ୍ୟ ପଦକ ହାସଲ କରି ରାଜ୍ୟ ପାଇଁ ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଛନ୍ତି। ଏହି ଅବସରରେ ପଦକ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ବିଧାୟକ କେ ଅନିଲ କୁମାର ଓ କର୍ପୋରେଟର ଅଶୋକ କୁମାର ଶୁକ୍ଳ ସମ୍ବର୍ଦ୍ଧିତ କରିଛନ୍ତି।

# ୬ ଅଭିଯୁକ୍ତଙ୍କୁ ୨୦ବର୍ଷ ଲେଖାଏ ଜେଲ

**ନାବାଳିକା ଛାତ୍ରୀଙ୍କୁ ଗଣବଳାତ୍କାର ମାମଲା**

ବ୍ରହ୍ମପୁର,୨୯।୧(ସୁବାସ ଚନ୍ଦ୍ର ପାଢ଼ୀ): ସ୍ୱତନ୍ତ୍ର ପୋକ୍ସୋ ଜଜ୍ ପ୍ରଣତି ପଟ୍ଟନାୟକ ୨୦୨୪ରେ ହୋଇଥିବା ନାବାଳିକା ଛାତ୍ରୀ ଗଣବଳାତ୍କାର ମାମଲାର ରାୟ ଗୁରୁବାର ପ୍ରକାଶ କରିଛନ୍ତି। ଉପଯୁକ୍ତ ପ୍ରମାଣ ଆଧାରରେ ୬ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତକରି ୨୦ ବର୍ଷ ଲେଖାଏ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ସେମାନେ ହେଲେ ଗଞ୍ଜାମ ଜିଲା ଆସିକା ଥାନା ଆସିକା ପାଢ଼ୀ କଲୋନିର ରୁତୁନ କୁମାର ଦାସ(୨୫), ଆସିକା ବାବନପୁର ପାଟଣାସାହିର ରୁଦ୍ର ଜେନା(୨୪), ବେଗୁନିଆପଡ଼ା ବାଲିସାହିର ଅଭିଲାଷ ପଲେଇ(୨୧), ସୋରଡ଼ା ଥାନା ସାମପଲ୍ଲୀର ଆକାଶ ନାୟକ(୨୯), ଖଲ୍ଲିକୋଟ ଥାନା କେନ୍ଦୁପାଟର ଜୁମନ ଗୌଡ଼(୨୨) ଓ ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଭୂତସରସିଂର ଓଁକାର ଜେନା(୨୬)। ଜେଲ ସହ ପ୍ରତ୍ୟେକ ଅଭିଯୁକ୍ତ ୧୦ ହଜାର ଟଙ୍କା ଲେଖାଏ ଜରିମାନା ଦେବାକୁ ଜଜ୍ ନିର୍ଦ୍ଦେଶ ଦେଇଛନ୍ତି। ଏହା ଅନାଦାୟେ ସେମାନଙ୍କୁ ଅଧିକ ୧୮ ମାସ ଜେଲଦଣ୍ଡ ଭୋଗିବାକୁ ହେବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ଜରିମାନା ବାବଦ ୬୦ ହଜାର ଟଙ୍କା ପୀଡ଼ିତାଙ୍କୁ ଦେବାକୁ କହିଛନ୍ତି। ଅନ୍ୟପକ୍ଷରେ ପୀଡ଼ିତାଙ୍କୁ ୧୫ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବାକୁ ଜିଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ଜଜ୍ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ ଯେ, ବ୍ରହ୍ମପୁର ସହରର ଏକ ଘରୋଇ କଲେଜରେ ଯୁକ୍ତ ୨ ପଢୁଥିବା ଛାତ୍ରୀ ଜଣଙ୍କ ୨୦୨୪ ମେ ୩ ସନ୍ଧ୍ୟାରେ ତାଙ୍କ ସାଙ୍ଗ ଘରକୁ ବୁଲିବାକୁ ଯାଇଥିଲେ। ସେଠାରୁ ଫେରି ହିଲପାଟଣାଠାରେ ନିଜ ବାପାଙ୍କୁ ଅପେକ୍ଷା କରିଥିଲେ। ଏହି ସମୟରେ ଛାତ୍ରୀଙ୍କ ପୁରୁଷବନ୍ଧୁ ତଥା ମାମଲାର ମୁଖ୍ୟ ଅଭିଯୁକ୍ତ ରୁତୁନ ଦେଖା ହୋଇଥିଲେ। ପୂର୍ବରୁ ପରିଚିତ ଥିବାରୁ ରୁତୁନ ତାଙ୍କୁ ନିଜ ଘରକୁ ଡାକି ବ୍ରହ୍ମାନଗର ଦ୍ୱିତୀୟ ଲାଇନସ୍ଥିତ ଏକ ରୁମ୍‌କୁ ନେଇଯାଇଥିଲେ। ତାହା ଏକ ବ୍ୟାଚଲର ରୁମ୍ ବୋଲି ଜାଣିବା ପରେ ଛାତ୍ରୀ ଜଣଙ୍କ ରୁତୁନଙ୍କୁ ଏ ବିଷୟରେ ପଚାରିଥିଲେ। ରୁତୁନ ତାଙ୍କୁ କିଛି ମୃଦୁ ପାନୀୟ ଦେଇ ମା'ଙ୍କୁ ଡାକି ଦେଉଛି ବୋଲି କହିଥିଲେ । ପରେ ଛାତ୍ରୀ ଜଣକ ବେହୋସ ହୋଇଯାଇଥିଲେ। ଏହାପରେ ରୁତୁନ ତାଙ୍କର ୫/୭ ଜଣ ସାଙ୍ଗଙ୍କୁ ରୁମ୍‌କୁ ଡାକିଥିଲେ । ସେମାନେ ନାବାଳିକା ଛାତ୍ରୀଙ୍କୁ ଜଣେ ପରେ ଜଣେ ବଳାତ୍କାର କରିଥିଲେ। ସେପଟେ ଝିଅକୁ ବାପା ବାରମ୍ବାର ଫୋନ ଦ୍ୱାରା ଯୋଗାଯୋଗ କରିବାକୁ ଚେଷ୍ଟାକରି ବିଫଳ ହୋଇଥିଲେ। ରାତି ୧୦ଟାରେ ପୀଡ଼ିତାଙ୍କ ଚେତା ଫେରିବା ପରେ ତାଙ୍କ ଅବସ୍ଥା ବିଷୟରେ ରୁତୁନଙ୍କୁ ପଚାରିଥିଲେ। ଏ ବିଷୟରେ କାହାକୁ ନ ଜଣାଇବାକୁ ରୁତୁନ ତାଙ୍କୁ ଧମକାଇବା ସହ ବାଇକ୍‌ରେ ନେଇ ବିଜିପୁର ଛକରେ ଛାଡ଼ି ଦେଇଥିଲେ। ପୀଡ଼ିତା ଘରେ ପହଞ୍ଚିବା ପରେ ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ କହିଥିଲେ। ଏହାପରେ ମେ' ୫ ତାରିଖରେ ପୀଡ଼ିତା ଓ ତାଙ୍କ ପରିବାର ଲୋକେ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୨୪୦/୨୪ରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରି ଅଭିଯୁକ୍ତମାନଙ୍କୁ ଗିରଫ ପରେ ଜେଲ ପଠାଇଥିଲା। ମାମଲାର ବିଚାର ବେଳେ ୧୩ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ମାମଲା ପରିଚାଳନା କରିଥିଲେ।

# ଘରେ ନିଆଁ ଲାଗି ଜଣେ ଗୁରୁତର

ବ୍ରହ୍ମପୁର,୨୯।୧(ସୁବାସ ଚନ୍ଦ୍ର ପାଢ଼ୀ): ଅଶୋକନଗର ୪ର୍ଥ ଲାଇନ ସଂପ୍ରସାରଣ ଅଞ୍ଚଳରେ ରହୁଥିବା ଖବରକାଗଜ ବିତରକ ପି. ଭେଙ୍କେଟ ରାଓଙ୍କ ଘରେ ନିଆଁ ଲାଗିଯିବାରୁ ସେ ଗୁରୁତର ହୋଇଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଛି । ସୂଚନାପ୍ରକାରେ, ପି. ଭେଙ୍କେଟ ପକ୍ଷଘାତ ରୋଗରେ ପୀଡିତ ଥିବାରୁ ଘରେ ଏକାକୀ ରହୁଥିଲେ । ରାତି ୮ଟା ବେଳେ ତାଙ୍କ ଝିଅ ଉକ୍ତ ଘରକୁ ଆସି ତାଙ୍କୁ ଖାଇବାକୁ ଦେଇ ଚାଲି ଯାଇଥିଲେ। ହେଲେ କୌଣସି କାରଣରୁ ଭେଙ୍କେଟ ରହୁଥିବା ଘରେ ନିଆଁ ଲାଗି ଯାଇଥିଲା। ଏଥିରେ ଆସବାବପତ୍ର ପୋଡିଯିବା ସହ ଭେଙ୍କେଟଙ୍କ ଗୋଡ ମଧ୍ୟ ପୋଡି ହୋଇଥିଲା। ଖବରପାଇ ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ କରିବା ସହ ଘର ଭିତରକୁ ଭେଙ୍କେଟଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଏମକେସିଜିକୁ ପଠାଇଥିଲେ । ସେଠାରେ ତାଙ୍କ ଚିକିତ୍ସା ଜାରି ରହିଛି ।ନିଆଁ ଲାଗିବାର କାରଣ ଜଣାପଡିନାହିଁ ।

# ଜିଲାରେ ଶୈକ୍ଷିକ ବାତାବରଣ କଳୁଷିତ

ବ୍ରହ୍ମପୁର, ୨୯।୧(ସୁବାସ ଚନ୍ଦ୍ର ପାଢ଼ୀ) ଗଞ୍ଜାମ ଜିଲାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଶୈକ୍ଷିକ ବାତାବରଣ ନଷ୍ଟ ହେବାରେ ଲାଗିଛି। ଅନେକ ସ୍କୁଲରେ ଅଣଛାତ୍ରଙ୍କ ପ୍ରବେଶ ଏହାର କାରଣ ବୋଲି କେତେଜଣ ଶିକ୍ଷାବିତ ମତ ପ୍ରକାଶ କରିଛନ୍ତି। ଜିଲାର ୪ ସରକାରୀ ଶିକ୍ଷାନୁଷ୍ଠାନରେ ଗତ ୩ ମାସ ଭିତରେ ଅଣଛାତ୍ରଙ୍କ ପ୍ରବେଶରୁ ବିଶୃଙ୍ଖଳା ସୃଷ୍ଟି ହୋଇଛି। ଏଭଳି ସ୍ଥିତି ପାଇଁ ଦାୟୀ କିଏ ଓ ଏଥିରେ ରୋକ ଲାଗିବାର ବାଟ କ'ଣ ବୋଲି ଶିକ୍ଷାବିତ ରାଜେନ୍ଦ୍ର କୁମାର ପଣ୍ଡାଙ୍କୁ ପଚାରିବାରୁ ସେ କହିଲେ ଯେ, ଘରର ସଂସ୍କାର ଓ ଶ୍ରେଣୀରେ ଶିକ୍ଷକଙ୍କ ଦ୍ୱାରା ପିଲାର ଶିକ୍ଷା ସଂସ୍କାର ଆସିଥାଏ। ଏହା ଦ୍ୱାରା ପିଲା ଶୃଙ୍ଖଳିତ ଭାବେ ଶିକ୍ଷା ଗ୍ରହଣ କରିବାର ଅଭ୍ୟାସରେ ପଡିଯାଏ। ପିଲା ପ୍ରତି ଅଭିଭାବକଙ୍କ ନିୟନ୍ତ୍ରଣ ବି ଜରୁରୀ। ସବୁଥିରେ ଅଭାବ ରହିଥିବାରୁ ଶିକ୍ଷାନୁଷ୍ଠାନରେ ଶୈକ୍ଷିକ ବାତାବରଣ କଳୁଷିତ ହେବାରେ ଲାଗିଛି। ଅନ୍ୟପଟେ ମନସ୍ତତ୍ତ୍ୱବିତ ରାଜଲକ୍ଷ୍ମୀ ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଲେ ଯେ, ନାବାଳକଙ୍କୁ ଅପରାଧ ଠାରୁ ଦୂରରେ ରଖିବା ପାଇଁ ହେଲେ ସେମାନଙ୍କ ନୈତିକ ମୂଲ୍ୟବୋଧ ଶିକ୍ଷା ସହିତ ଆଧ୍ୟାତ୍ମିକ ଚେତନାର ବିକାଶ କରିବା ଆବଶ୍ୟକ । ଏହା ସହିତ ବାପା ଓ ମା' ନିଜ ଛୁଆଙ୍କୁ ଉଚିତ ମାର୍ଗଦର୍ଶନ କରିବା ଆବଶ୍ୟକ। ଜିଲା ଅତିରିକ୍ତ ଶିକ୍ଷାଧିକାରୀ ପ୍ରଭାତୀ ମହାପାତ୍ରଙ୍କୁ ପଚାରିବାରୁ ଶିକ୍ଷାର ମୁଖ୍ୟସ୍ରୋତରେ ପିଲାଙ୍କୁ ନେବା ପାଇଁ ଯଥାସାଧ୍ୟ ଉଦ୍ୟମ କରାଯାଉଛି ବୋଲି କହିଛନ୍ତି। ପିଲା ଯେତେ ସମୟ ପର୍ଯ୍ୟନ୍ତ ସ୍କୁଲରେ ଥିବେ ସେମାନଙ୍କୁ ଶିକ୍ଷକ ନିୟନ୍ତ୍ରଣ କରିବେ। କିନ୍ତୁ ପିଲା ବାହାରକୁ ଗଲା ପରେ ତାହା ଅଭିଭାବକଙ୍କ ଦାୟିତ୍ୱ। ତେଣୁ ଅଭିଭାବକ ସର୍ବଦା ପିଲାଙ୍କୁ ଉପରେ ଆଖି ରଖିବା ଉଚିତ। ସ୍କୁଲରେ କ'ଣ ପଢ଼ାଗଲା, କାଲି କ'ଣ ହେବ, ଶିକ୍ଷକଙ୍କୁ ନିଜ ପିଲାଙ୍କ ସଂକ୍ରାନ୍ତରେ ପଚାରିବାକୁ ପଡିବ। ସ୍କୁଲରେ ଅଭିଭାବକ ବୈଠକ ଡକାଯାଉଛି। ପ୍ରତି ମାସରେ ଏହି ବୈଠକ ବସୁଛି। ଅଭିଭାବକଙ୍କ ଉପସ୍ଥିତିରେ ପିଲାଙ୍କୁ କାଉନସେଲିଂ କରିବାକୁ ବୈଠକ ଡକାଯାଉଥିଲେ ବି ଅନେକ ଅଭିଭାବକଙ୍କ ଅନୁପସ୍ଥିତିରହିବା ଦୁଃଖର ବିଷୟ। ଏ ଦିଗରେ ସମସ୍ତେ ଯତ୍ନବାନ ହେବା ଦରକାର।

# ଆରମ୍ଭ ହେବ ଇଣ୍ଟିଗ୍ରେଟେଡ୍ ଟିଚର ଏଜୁକେଶନ ପ୍ରୋଗ୍ରାମ

**ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ**

ବ୍ରହ୍ମପୁର,୨୯।୧(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଶିକ୍ଷା ବିଭାଗକୁ ମିଳିଲା ଏନସିଟିଇର ମାନ୍ୟତା । ୨୦୨୬-୨୭ରୁ ଆରମ୍ଭ ହେବ ୪ ବର୍ଷୀୟ ଇଣ୍ଟିଗ୍ରେଟେଡ ଟିଚର୍ ଏଜୁକେଶନ ପ୍ରୋଗ୍ରାମ । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ ଏଜୁକେସନ ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ (ଏନସିଟିଇ) ଠାରୁ ଗୁରୁତ୍ୱପୂର୍ଣ୍ଣ ଅନୁମୋଦନ ଲାଭ କରିଛି । ୨୦୨୬-୨୭ ଶିକ୍ଷାବର୍ଷରୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ତିନୋଟି,୪ ବର୍ଷୀୟ ଇଣ୍ଟିଗ୍ରେଟେଡ ଟିଚର୍ ଏଜୁକେସନ ପ୍ରୋଗ୍ରାମ ଚାଲୁ କରିବାକୁ ଯାଉଛି । ଏଥିରେ ବିଏ-ବିଏଡ (ଇଣ୍ଟିଗ୍ରେଟେଡ),ବି-ଏସସି-ବିଏଡ(ଇଣ୍ଟିଗ୍ରେଟେଡ),ବି-କମ-ବିଏଡ (ଇଣ୍ଟିଗ୍ରେଟେଡ)ଭଳି ବିଭାଗ ରହିଛି। ପ୍ରତ୍ୟେକ ପ୍ରୋଗ୍ରାମରେ ୫୦ଟି ଆସନ ରହିବାକୁ ଏନସିଟିଇ ଅନୁମୋଦନ ଦେଇଛି । ଫଳରେ ମୋଟ ୧୫୦ଟି ଆସନ ଉପଲବ୍ଧ ହେବ। ଏହି କୋର୍ସ ଗୁଡ଼ିକ ନୂତନ ଶିକ୍ଷା ନୀତି (ଏନଇପି) ୨୦୨୦ ଅନୁଯାୟୀ ଚାଲିବ ଏବଂ ରାଜ୍ୟରେ ଶିକ୍ଷକ, ଶିକ୍ଷଣକୁ ଆହୁରି ମଜବୁ କରିବ। ଏନସିଟିଇର ବିଶେଷଜ୍ଞ ଦଳ ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି,ଯୋଗ୍ୟ ଶିକ୍ଷକ, ଏକାଡେମିକ ପ୍ରସ୍ତୁତି ଓ ଅନ୍ୟାନ୍ୟ ସୁବିଧାର ଭର୍ଚୁଆଲ ପରୀକ୍ଷଣ କରିବା ପରେ ଏହି ଅନୁମୋଦନ (ଲେଟର୍ ଅଫ ଇଣ୍ଟେଣ୍ଟ) ପ୍ରଦାନ କରିଛି। ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହାକୁ ଏକ ବଡ଼ ସଫଳତା ଭାବରେ ଦେଖାଯାଉଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାସ ଏନସିଟିଇ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଜଣାଇ କହିଛନ୍ତି ଯେ, କୋର୍ସ ଗୁଡ଼ିକର ସୁଚାରୁ କାର୍ଯ୍ୟକ୍ରମ ପାଇଁ ଆବଶ୍ୟକ ଯୋଗ୍ୟ ଶିକ୍ଷକମାନଙ୍କୁ ପୂର୍ବରୁ ନିଯୁକ୍ତି ଦିଆଯାଇଛି । ସ୍କୁଲ ଅଫ ଏଜୁକେସନର ପ୍ରିନ୍ସପାଲ ଡଃ ସଞ୍ଜିତ କୁମାର ସାହୁ କହିଛନ୍ତି ଯେ ଏହି ପ୍ରୋଗ୍ରାମ ଶିକ୍ଷକ ବୃତ୍ତି ପାଇଁ ଆଗ୍ରହୀ ଛାତ୍ରୀ ଛାତ୍ର ମାନଙ୍କୁ ଉଚ୍ଚମାନର ବୃତ୍ତିଗତ ତାଲିମ ଦେବ ଏବଂ ଶିକ୍ଷା କ୍ଷେତ୍ରରେ ନିଯୁକ୍ତି ସୁଯୋଗ ଅଧିକ କରିବ । ଏହି ପ୍ରୋଗ୍ରାମ ମାଧ୍ୟମରେ କ୍ଲାସ ୧୨ ପାସ ଛାତ୍ରଛାତ୍ରୀମାନେ ସିଧାସଳଖ ଶିକ୍ଷକ ବୃତ୍ତିରେ ପ୍ରବେଶ କରିପାରିବେ। ଆଡ ମିସନ ପ୍ରକ୍ରିୟା ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନଟିଏ) ଦ୍ୱାରା ଆୟୋଜିତ ନ୍ୟାଶନାଲ କମନ ଏଣ୍ଟ୍ରାନ୍ସ ଟେଷ୍ଟ (ଏନସିଇଟି) ମାଧ୍ୟମରେ ଅନଲାଇନ୍ରେ ହେବ। ଆଡମିସନ ଯୋଗ୍ୟତା, ଆବେଦନ ତାରିଖ, ଫିସ ଓ ଅନ୍ୟାନ୍ୟ ବିବରଣୀ ପାଇଁ ବିଶ୍ୱବିଦ୍ୟାଳୟର ଅଫିସିଆଲ ୱେବସାଇଟ ଉପରେ ନିୟମିତ ନଜର ରଖନ୍ତୁ। ଶୀଘ୍ର ସମସ୍ତ ସୂଚନା ଉପଲବ୍ଧ ହେବ। ଏହି ଅନୁମୋଦନ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପାଇଁ ଶିକ୍ଷକ ଶିକ୍ଷଣ କ୍ଷେତ୍ରରେ ଏକ ମାଇଲଖୁଣ୍ଟ ଏବଂ ଜାତୀୟ ଶିକ୍ଷା ନୀତି (ଏନଇପି) ୨୦୨୦ର ଲକ୍ଷ୍ୟକୁ ସମର୍ଥନ କରିବ। ଏହା ଓଡ଼ିଶା ସମେତ ଅନ୍ୟ ରାଜ୍ୟର ବିଦ୍ୟାଳୟଗୁଡ଼ିକ ପାଇଁ ଯୋଗ୍ୟ ଓ ଦକ୍ଷ ଶିକ୍ଷକ ତିଆରି କରିବାରେ ସହାୟକ ହେବ ।

# ମହୋତ୍ସବରେ ଆଇନ ସହାୟତା ଷ୍ଟଲ୍ ଉଦ୍‌ଘାଟିତ



କାର୍ଯ୍ୟକ୍ରମରେ ଉପସ୍ଥିତ ବିଚାରପତି ଓ ଅନ୍ୟମାନେ।

ବ୍ରହ୍ମପୁର,୨୯।୧(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ତଥା ସମଗ୍ର ଦେଶରେ ଖ୍ୟାତି ଅର୍ଜନ କରିଥିବା ଗୋପାଳପୁର ବେଳାଭୂମି ମହୋତ୍ସବରେ ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଦୌରା ଜଜ୍ ଅଶାନ୍ତ କୁମାର ଦାସଙ୍କ ତତ୍ତ୍ୱାବଧାନରେ ପ୍ରାଧିକରଣ ସଚିବ ବ୍ୟୋମକେଶ ନାୟକଙ୍କ ପରିଚାଳନାରେ ଗୋପାଳପୁର ବେଳାଭୂମି ପରିସରରେ "ଆଇନ ସହାୟତା ଷ୍ଟଲ"ର ଉଦଘାଟନ ହୋଇଯାଇଛି। ଜିଲା ଜଜ୍ ଅଶାନ୍ତ କୁମାର ଦାସ ଏହାର ଉଦଘାଟନ କରିଛନ୍ତି । ପ୍ରାଧିକରଣର ଭୂମିକା ଏବଂ ଲକ୍ଷ୍ୟ ତଥା କାର୍ଯ୍ୟକଳାପ ବିଷୟ ଉପରେ ଆଧାର କରି ଏହି ଷ୍ଟଲ ଉଦଘାଟନ କରାଯାଇଥିବା ବେଳେ ବେଳାଭୂମି ମହୋତ୍ସବ ଶେଷ ହେବା ପର୍ଯ୍ୟନ୍ତ ଏହି ଷ୍ଟଲ ଖୋଲାଯାଇ ସାଧାରଣ ଜନତାଙ୍କୁ ନିଃଶୁଳ୍କ ଆଇନ ସେବା ବିଷୟରେ ସଚେତନ କରାଯିବା ନେଇ ସୂଚନା ରହିଛି । କାର୍ଯ୍ୟକ୍ରମରେ ପ୍ରଥମ ଅତିରିକ୍ତ ଜିଲ୍ଲା ଜଜ,ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଜଜ,ପରିବାର ଅଦାଲତ ଜଜ,ପୋକସୋ ଜଜ,ପିଓ ଓପିଆଇଡି ଏବଂ ବହୁ ବିଚାର ବିଭାଗୀୟ ଅଧିକାରୀ ଉପସ୍ଥିତ ରହିଥିଲେ ।

